ପ୍ରେସ୍ ନୋଟ୍

## ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ନିର୍ବାଚନୀ ବୈଠକ ।

ଅନୁଗୋଳ,ତା.୦୩.୦୮:- ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ନିର୍ବାଚନୀ ବୈଠକ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂଶୋଧିତ ଭୋଟର ପଞ୍ଜିକରଣ ଆଇନ ୨୦୨୨ ଅନୁଯାୟୀ ରୂପାନ୍ତରିତ ପଞ୍ଜିକରଣ ଫର୍ମଗୁଡିକର ସରଳୀକରଣ ବ୍ୟବସ୍ଥା ଓ ଏହାର କାର୍ଯ୍ୟକାରିତା , ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ପ୍ରତିନିଧି ମାନଙ୍କୁ ଜିଲ୍ଲାପାଳ ଅବଗତ କରାଇଥିଲେ । କେନ୍ଦ୍ର ସରକାରଙ୍କ ଆଇନ୍ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କିଛି ସଂଶୋଧନ କରାଯାଇଛି ଯାହାକି ଚଳିତ ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ହେବ । ପୂର୍ବରୁ ନୂଆ ଭୋଟରଙ୍କ ପଞ୍ଜିକରଣ ଏବଂ ଗୋଟିଏ ନିର୍ବାଚନ ମଣ୍ଡଳିରୁ ଅନ୍ୟ ଗୋଟିଏ ନିର୍ବାଚନ ମଣ୍ଡଳିକୁ ସ୍ଥାନାନ୍ତରଣ ପାଇଁ ବ୍ୟବହାର କରାଯାଉଥିବା ଫର୍ମ ୬ ଏବେ କେବଳ ନୂତନ ଭୋଟରଙ୍କ ପଞ୍ଜିକରଣ ପାଇଁ ବ୍ୟବହାର କରାଯିବ । ଫର୍ମ ୭ରେ ପୂର୍ବରୁ ଭୋଟର ତାଲିକାରୁ ନାମ ବାଦ ଦେବା/ନାମ ଅନ୍ତର୍ଭୁକ୍ତ ଥିଲେ ଆପତ୍ତି ଅଭିଯୋଗ କରିବା ପାଇଁ ଆବେଦନ କରିବାକୁ ଥିବା ବେଳେ ଏବେ ତାହା ସହିତ ମୃତ୍ୟୁ ପ୍ରମାଣ ପତ୍ର ସଂଲଗ୍ନ କରାଯିବ । ସେହିପରି ଫର୍ମ ୮ରେ ପୂର୍ବରୁ ଭୋଟର ତାଲିକାରେ ତ୍ରୁଟି ଥିବା ବିବରଣୀର ସଂଶୋଧନ କରାଯାଉଥିବା ବେଳେ ଏବେ ସେଥିରେ ନିର୍ବାଚନ ମଣ୍ଡଳି ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ,ଭୋଟର ତାଲିକାରେ ଥିବା ବିବରଣୀ ସଂଶୋଧନ ଓ ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ଆଦି କରାଯିବ । ପୂର୍ବରୁ ଯୁବଗୋଷ୍ଠୀଙ୍କୁ ଭୋଟର ତାଲିକାରେ ନିଜର ନାମ ପଞ୍ଜିକରଣ କରିବାକୁ ବର୍ଷକୁ ଥରେ ମାତ୍ର ସୁଯୋଗ ମିଳୁଥିବା ବେଳେ ଏବେ ତାହା ପରିବର୍ତ୍ତନ କରାଯାଇ ବର୍ଷରେ ୪ଥର ସୁଯୋଗ ମିଳିପାରିବ । ୪ଟି ଯୋଗ୍ୟତା ସୂଚକ ତାରିଖ ଯଥା - ଜାନୁଆରୀ ୧ତାରିଖ,ଏପ୍ରିଲ ୧ ତାରିଖ, ଜୁଲାଇ ୧ ତାରିଖ ଓ ଅକ୍ଟୋବର ୧ ତାରିଖ ବେଳକୁ ଯେଉଁ ନାଗରିକ ମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନେ ପରବର୍ତ୍ତି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ନିଜ ନାମ ପଞ୍ଜିକରଣ କରିପାରିବେ । ଅଗଷ୍ଟ ୧ ତାରିଖରୁ ଆରମ୍ଭ କରାଯାଇଥିବା ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କାର୍ଯ୍ୟକ୍ରମ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍‌ରେ କରାଯାଇପାରିବ । ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ମନିଷା ଗୁପ୍ତା ପ୍ରକାଶ କରିଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।


ANGUL
ଜିଲ୍ଲା ପ୍ରଶାସନ, ଅନୁଗୋଳ
realme Shot on realme 9 Pro+
2022.08.03 10:57


District Administration
ANGUL
ଜିଲ୍ଲା ପ୍ରଶାସନ, ଅନୁଗୋଳ
realme Shot on realme 9 Pro+
2022.08.03 10:57